## ସଂକ୍ଷେପରେ

### ଧାନବିଡ଼ା ଜଳିଗଲା

ପାଟଣା,୫।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡି ଗ୍ରାମର ଖଗେଶ୍ୱର ମହାନ୍ତଙ୍କ ଖଳାରେ ଅଗ୍ନିକାଣ୍ଡ ଘଟି ପାଖାପାଖି ୧ଶହ ଧାନ କଳେଇ ବିଡା ପୋଡ଼ି ନଷ୍ଟ ହେବା ସହ ଏକ ପାଳ ଗଦା ମଧ ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ଆଉ ୨ଶହ ବିଡା ଧାନ କଳେଇକୁ ସୁରକ୍ଷିତ ଉଦ୍ଧାର କରିଛି।

### କାଠ ଗାଡ଼ି ଜବତ

ଚମ୍ପୁଆ, ୫।୧୨(ଡି.ଏନ.ଏ.): ଚମ୍ପୁଆ ବନ ବିଭାଗ ଦ୍ୱାରା ଶୁକ୍ରବାର ଏକ କାଠ ବୋଝେଇ ଗାଡି ସହ କାଠ ପଟା ଜବତ କରାଯାଇଛି। ବନ ବିଭାଗକୁ ଚକମା ଦେଖାଇ ଗାଡିର ଡ୍ରାଇଭର ଫେରାର ହୋଇଯାଇଥିଲା ବେଳେ ଜବତ କାଠର ଅନୁମାନିକ ମୂଲ୍ୟ ୪୦ ରୁ ୫୦ ହଜାର ହେବ ବୋଲି ରେଞ୍ଜର୍ ଘାସିନାଥ ପାତ୍ର ସୂଚନା ଦେଇଛନ୍ତି। ବନ ବିଭାଗ କର୍ମଚାରୀ ମାନେ ଗାଡିକୁ ରେଞ୍ଜ୍ କାର୍ଯ୍ୟାଳୟକୁ ଆଣିବା ପରେ ସେଥିରେ ୪୦ଟି ପଟା, ୨ଟି ସିଲ୍‌ପଟ ଓ ୫ଟି ବାହୀ ରହିଥିବା ବନ ବିଭାଗ ସୂଚନା ଦେଇଛି।

### କାର୍ ଧକ୍କାରେ ଯୁବକ ମୃତ

ବାରିପଦା ଅଫିସ, ୫।୧୨: ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର ବାରିପଦା-ବାଲେଶ୍ୱର ରାସ୍ତା ବୁଢ଼ିଖମାରୀ ନିକଟରେ କାର୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ନୟାପୁରୁଷୋତ୍ତମପୁରର ବୀରଭଦ୍ର ଦେହୁରୀ। ସେ ବୁଢ଼ିଖମାରୀ ଷ୍ଟେଟବ୍ୟାଙ୍କ ଶାଖାକୁ ଟଙ୍କା ଉଠାଇବାକୁ ଯିବା ସମୟରେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ମାରୁତି କାର୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା । ସ୍ଥାନୀୟ ଯୁବକମାନେ କାରକୁ ଅଟକ ରଖି ବେତନଟୀ ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଖୁଣ୍ଟା,୫।୧୨(ଡି.ଏନ୍.ଏ.): ଖୁଣ୍ଟା ଥାନା ଅଧୀନ ବଡ଼ ସାତଶୋଳ ଗ୍ରାମରେ ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ମିଶ୍ଚର ମେଶିନ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ବଡ଼ କରଞ୍ଜିଆ ଗ୍ରାମର ହରିଶ ଚନ୍ଦ୍ର ନାଏକ। ସେ ଖୁଣ୍ଟା ବଜାରରୁ କାର୍ଯ୍ୟ ସାରି ଶୁକ୍ରବାର ଅପରାହ୍ନରେ ନିଜଗ୍ରାମକୁ ସାଇକେଲ ଯୋଗେ ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖୁଣ୍ଟା ଥାନା ପୋଲିସ ମେଶିନଟିକୁ ଜବତ କରି ତଦନ୍ତ ଚଳାଇଛି।

### ବାଇକ୍ ଡିକି ଭାଙ୍ଗି ଟଙ୍କା ଚୋରି

ବାସୁଦେବପୁର, ୫।୧୨(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ସହରର ଏସ୍‌ବିଆଇ ବ୍ୟାଙ୍କ ସାମ୍ନାରୁ ଶୁକ୍ରବାର ଏକ ବାଇକ୍‌ର ଡିକି ଭାଙ୍ଗି ୬୦ ହଜାର ଟଙ୍କା ଚୋରି ହୋଇଛି। ବ୍ରାହ୍ମଣଗାଁ ଅଞ୍ଚଳର ଭଗବାନ ପ୍ରସାଦ ବେହେରା ଟଙ୍କା ଉଠାଇ ବାଇକ୍ ଡିକିରେ ଟଙ୍କା ରଖି ପୁର୍ନବାର କୌଣସି କାମ ପାଇଁ ବ୍ୟାଙ୍କ ମଧକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁଇଜଣ ଅଜଣା ବ୍ୟକ୍ତି ବାଇକ୍ ଡିକିରୁ ଏହି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଭଗବାନ ଗାଡ଼ି ପାଖକୁ ଆସି ପହଞ୍ଚିବା ପରେ ଡିକି ଖୋଲାଥିବା ସହିତ ଡିକିରେ ଟଙ୍କା ନ ଥିଲା। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା (ନଂ ୩୨୦/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

# ୧୦ବର୍ଷ ହେଲା ନାହାନ୍ତି ଡାକ୍ତର

**କୋମାରେ ସନ୍ତୋଷପୁର ସ୍ୱାସ୍ଥ୍ୟକେନ୍ଦ୍ର**

- ଫାର୍ମାସିଷ୍ଟ, କର୍ମଚାରୀ କରୁଛନ୍ତି ରୋଗୀ ସେବା
- ୧୦ରୁ ଆମରଣ ଅନଶନ

ବାଞ୍ଛାନିଧି ଦେ
ରୂପ୍‌ସା, ୫।୧୨




ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନରେ ଥିବା ସନ୍ତୋଷପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ଡାକ୍ତର ନିଯୁକ୍ତି ହେଉ ନ ଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜଣେ ଫାର୍ମାସିଷ୍ଟ, ଜଣେ ପିଅନ ଓ ସ୍ୱାସ୍ଥ୍ୟସେବିକାଙ୍କ ଦ୍ୱାରା କାମଚଳା ରୋଗୀସେବା ଚାଲୁଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏବେ କୋମା ଅବସ୍ଥାରେ ରହିଛି। ପ୍ରତିବାଦରେ ସ୍ଥାନୀୟ ଜୀବନସାଥି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆସନ୍ତା ୧୦ତାରିଖରୁ ଆମରଣ ଅନଶନ କରାଯିବ ବୋଲି ସଙ୍ଗଠନ ସଭାପତି ଦେବେନ୍ଦ୍ର ବେହେରା, ସମ୍ପାଦକ ଇଂ. ଦୀପ୍ତିମାନ ପତିଙ୍କ ସମେତ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

ବ୍ଲକ ଅନ୍ତର୍ଗତ ସନ୍ତୋଷପୁର, ଭେଲୋରା, କୁଳିଦା ଆଦି ପଞ୍ଚାୟତ ସମେତ ପଡ଼ୋଶୀ ମୟୂରଭଞ୍ଜ ଜିଲାର ୨୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ମାତ୍ର ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ କୌଣସି ସ୍ଥାୟୀ ଡାକ୍ତର ନାହାନ୍ତି। ଜଣେ ଫାର୍ମାସିଷ୍ଟ ସପ୍ତାହକୁ କେବଳ ୩ଦିନ ଆସନ୍ତି। ଜଣେ ପିଅନ ଓ ଜଣେ ସ୍ୱାସ୍ଥ୍ୟସେବିକା ସ୍ୱାସ୍ଥ୍ୟସେବାକୁ ପରିଚାଳନା କରିଥାନ୍ତି। ଫଳରେ ଅନ୍ୟ ଉପାୟ ନ ପାଇ ଜରୁରୀ ପରିସ୍ଥିତିରେ ରୋଗୀମାନେ କ୍ୱାକଙ୍କ ଦ୍ୱାରା ଚିକିତ୍ସିତ ହୋଇ ଶୋଷଣର ଶିକାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମ୍ପାଦକ ଇଂ. ଦୀପ୍ତିମାନ ପତି କହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ୨୦୧୩ରେ ଓଡ଼ିଶା ସରକାରଙ୍କ ଦ୍ୱାରା ୬ଶଯ୍ୟା ବିଶିଷ୍ଟ ନୂତନ ପକ୍କା ଗୃହ ନିର୍ମାଣ କରାଯାଇଛି। ରାଜପଥ ଦୁର୍ଘଟଣାରେ ଶିକାର ବ୍ୟକ୍ତିମାନେ ଜରୁରୀ ସେବା ନ ପାଇ ମୃତ୍ୟୁବରଣ କରୁଛନ୍ତି।

ସଭାପତି ଦେବେନ୍ଦ୍ର ବେହେରା କହନ୍ତି, ଡାକ୍ତର ନିଯୁକ୍ତି ପାଇଁ ବାରମ୍ବାର ଦାବି କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏନେଇ ଗତ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ, ସ୍ୱାସ୍ଥ୍ୟସଚିବ, ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଲିଖିତ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନ ହେଲେ ଆସନ୍ତା ୧୦ରୁ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଆସିଛି। ଡାକ୍ତର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର ସପ୍ତାହକୁ ୨/୩ଦିନ ପାଇଁ କୌଣସି ଡାକ୍ତରଙ୍କୁ ଡେପୁଟେଶନରେ ପଠାଯିବାର ବ୍ୟବସ୍ଥା ହେବ।

# ବିଶ୍ୱ ମୃତ୍ତିକା ଦିବସ


ବିଶ୍ୱ ମୃତ୍ତିକା ଦିବସରେ ଉପସ୍ଥିତ ଚାଷୀ।

ବାରିପଦା ଅଫିସ,୫।୧୨

ମୟୂରଭଞ୍ଜ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ଦିବସ କୋଭିଡ୍ ନିୟମ ଅନୁଯାୟୀ ଶନିବାର ପାଳିତ ହୋଇଯାଇଛି । ଜିଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀଙ୍କ ଅଧ୍ୟକ୍ଷତାରେ 'ଆସନ୍ତୁ ମାଟି ମା'କୁ ଜୀବନ୍ତ ରଖିବା ଓ ଏହାର ଜୈବ ବିବିଧତାକୁ ସୁରକ୍ଷା ଦେବା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା ରସାୟନ) ବୈଜ୍ଞାନିକ ଡା.ମନୋଜ କୁମାର ଚାନ୍ଦ, କୃଷି ବିଜ୍ଞାନକେନ୍ଦ୍ର-୧ର ବୈଜ୍ଞାନିକ ଡ. ସଙ୍ଘମିତ୍ରା ପଟ୍ଟନାୟକ ଓ ଯଶିପୁର କୃଷି ବିଜ୍ଞାନକେନ୍ଦ୍ର-୨ର ବୈଜ୍ଞାନିକ ଡ.ଦୀପକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲାର ୧୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୦ଚାଷୀ ଓ କୃଷି ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ଜୈବିକ ପ୍ରଣାଳୀରେ କିପରି ଚାଷ କରି ଭଲ ଅମଳ କରିହେବ ସେ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ କାହ୍ନୁଚରଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ବି କ୍ଲବ ମୂଷାଖରୀ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ମହାବୀର ସ୍ପୋର୍ଟସ କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ**

ପାଟଣା,୫।୧୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ସ୍ଥିତ ମହାବୀର ସ୍ପୋର୍ଟସ କ୍ଲବର ୧୫ତମ ମହାବୀର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ୍ ପାଟଣା ବ୍ଲକ ମୂଷାଖରୀ ସହ କେନ୍ଦୁଝରର ଗୁମୁରା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଗୁମୁରା ଟିମ୍ ସମସ୍ତ ଉଇକେଟ ହରାଇ ମୋଟ ୮୩ ରନ୍ କରିଥିବାବେଳେ ଏମ୍‌ବି କ୍ଲବ ମୂଷାଖରୀ ଶେଷ ବଲରେ ଛକା ମାରି ୮୮ ରନ କରି ବିଜୟୀ ହୋଇଛି। କେନ୍ଦୁଝର ଗୁମୁରା ଟିମ୍ ରନର୍ସ ଅପ ହୋଇଛି। ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ୧୨ ହଜାର ଟଙ୍କାର ନଗଦ ଅର୍ଥ ରାଶି ଓ ମାନପତ୍ର ପ୍ରଦାନ କରି ଥିବା ବେଳେ ରନର୍ସ ଅପ ଦଳକୁ ୮ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ଟିକେଶ୍ୱର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଜେଡିର ବରିଷ୍ଠ ନେତା ତଥା କେନ୍ଦେଇପଶି ସମିତି ସଭ୍ୟ ମିତ୍ରଭାନୁ ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଲକ୍ଷ୍ମଣ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷକ ହିମାଂଶୁ ଶେଖର ବାରିକ ଓ ସମ୍ପାଦକ ଚିନ୍ମୟ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଖେଳର ଧାରା ବିବରଣୀକୁ ଅରୁଣ କୁମାର ମହାନ୍ତ ଓ ଅଜୟ କୁମାର ବେଜ ପ୍ରଦାନ କରିଥିବା ବେଳେ ଅମ୍ପାୟାର ଭାବେ ସରୋଜ କୁମାର ବାରିକ ଓ ଟିକନ ନାଏକ ଖେଳ ପରିଚାଳନା କରିଥିଲେ।

# ଗାଡ଼ି ଧକ୍କାରେ ଯୁବକ ମୃତ

ଭଦ୍ରକ ଅଫିସ, ୫।୧୨

ଅଜଣା ଗାଡ଼ି ଧକ୍କାରେ ଶୁକ୍ରବାର ବିଳମ୍ବିତ ରାତିରେ ଚରମ୍ପା ଝାଟିଆସାହି ଗ୍ରାମର ଦେବେନ୍ଦ୍ର ମହାପାତ୍ର(୪୭)ଙ୍କ ମୃତ୍ୟୁ ଘଟିଛି। ଦେବେନ୍ଦ୍ର ବିଳମ୍ବିତ ରାତିରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ସାମ୍ନାପଟୁ ଏକ ଟ୍ରକ ଧକ୍କା ଦେବା ଫଳରେ ସେ କେନାଲ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଉଥିଲା। ହେଲେ କଟକ ଯିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା।

# ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଯୋଡା, ୫।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ବାଉଁଶପାଣି ଅଞ୍ଚଳର ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ଗତ ନଭେମ୍ବର ୧୯ତାରିଖରେ ଅପରାହ୍ନ ୪ଟାରେ ଯୋଡ଼ା ସହରର ଭହଟିଂର ତିନିଜଣ ଯୁବକ କୌଣସି କାରଣ ନଥାଇ ତାଙ୍କ ଘର ଭିତରକୁ ପଶି ତାଙ୍କୁ ଏବଂ ତାଙ୍କ ଝିଅଙ୍କୁ ଗାଳିଗୁଲଜ କରିବା ସହିତ ଢେଲା ପଥର ମାଡ଼ କରିଥିଲେ। ଏହିପରି ବହୁବାର ତାଙ୍କ ପରିବାର ସଦସ୍ୟଙ୍କ ଉପରେ ଆକ୍ରମଣ କରାଯାଇଛି ବୋଲି ସେ ତାଙ୍କ ଅଭିଯୋଗରେ ଜଣାଇଛନ୍ତି। ସେମାନଙ୍କ ଆକ୍ରମଣରେ ସମ୍ପୃକ୍ତ ମହିଳା ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏନେଇ ଯୋଡା ଥାନାରେ ଏକ ମାମଲା (ନଂ-୧୬୬/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଯୋଡ଼ା ଥାନା ଅଧିକାରୀ ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।

# ମାଟିର ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ

କେନ୍ଦୁଝର, ୫।୧୨(ଡି.ଏନ୍.ଏ.)


ମୃତ୍ତିକା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

କେନ୍ଦୁଝର କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ସପ୍ତମ ବିଶ୍ୱ ମୃତ୍ତିକା ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ଶରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମା' ସହିତ ମାଟିକୁ ତୁଳନା କଲେ କୌଣସି ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଆତ୍ମା ଉପପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସାମଲ ଯୋଗଦେଇ ମୃତ୍ତିକାର ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଅଧିକ ଅମଳ ପାଇଁ ଚାଷୀମାନେ ରାସାୟନିକ ସାର ଅଧିକ ପ୍ରୟୋଗ କରୁଛନ୍ତି। ଫଳରେ ମୃତ୍ତିକା ଅନୁର୍ବର ହୋଇଯାଉଛି। ମାଟିର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ମୃତ୍ତିକାର ସୁରକ୍ଷା ପାଇଁ ଖତଗୋବର ଅଧିକ ପରିମାଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକାରେ ରାସାୟନିକ ସାର କମ ବ୍ୟବହାର କଲେ ଅମ୍ଳ ବିଶୋଧନ ହେବ ଏବଂ ମାଟି ଜୀବନ୍ତ ରହିବ। ଜୁଡିଆସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ସୁକାନ୍ତ କୁମାର ସାହୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମୁଖ୍ୟ କୃଷିଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ଶରତ ଚନ୍ଦ୍ର ଦାସ, ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଜଗନ୍ନାଥ ସିଂ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ମିଶନର ପ୍ରସନ୍ନ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ କୃଷି ଅଧିକାରୀ ଘାସିରାମ ପାତ୍ର, ସଦର ବ୍ଲକ ଆତ୍ମା ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଶତପଥି, ୪ନଂ ଜୋନ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା ପ୍ରମୁଖ ଯୋଗଦେଇ କୃଷି ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଖାଦ୍ୟସାରର ଉପଯୋଗୀତା ସଂପର୍କରେ ତଥ୍ୟ ରଖିବା ସହ କୃଷକମାନେ ସଚେତନ ହୋଇ ନୂତନ କୃଷି ପ୍ରଣାଳୀ ଅବଲମ୍ବନ କଲେ ନିଶ୍ଚିତ ଭାବେ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଏଥିରେ ୨୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା।

# କ୍ୱାରିରେ ବେଆଇନ କାମ, ଲିଜ୍‌ଧାରୀ ଗିରଫ

କେନ୍ଦୁଝର, ୫।୧୨ (ସ୍ୱ.ପ୍ର.)

କେନ୍ଦୁଝର ସଦର ରେଞ୍ଜ୍ ଅନ୍ତର୍ଗତ ପଳାସପଙ୍ଗା ସେକ୍‌ସନ ଅଧୀନ ଟାଙ୍ଗରାଣୀ ପଥର କ୍ୱାରୀରେ ବେଆଇନ କାମ ଅଭିଯୋଗରେ କ୍ୱାରୀ ଲିଜଧାରୀଙ୍କୁ ବନ ବିଭାଗ କେସ ନମ୍ବର ଓଆର-୩୫କେରେ ଗିରଫ କରିଛି। ଗିରଫ ଲିଜଧାରୀଙ୍କ ନାମ ପ୍ରଦିପ କୁମାର ଦାସ। ତାଙ୍କ ଘର ବିହାରରେ। କିନ୍ତୁ ସେ ଦୀର୍ଘ ବର୍ଷ ହେଲା କେନ୍ଦୁଝର ଜିଲାରେ ବ୍ୟବସାୟ କରୁଥିଲେ। ରିଜର୍ଭ ଜଙ୍ଗଲ ସୀମା ଖୁଣ୍ଟ ଭାଙ୍ଗିବା ଏବଂ ଲିଜ୍ ଅଞ୍ଚଳରେ ବେଆଇନ ରାସ୍ତା ନିମାଣ କରିଥିବା ଅଭିଯୋଗରେ ଗିରଫ କରାଯାଇଥିବା ସଦର ରେଞ୍ଜ୍ ଅଧିକାରୀ ଅରବିନ୍ଦ ନାୟକ କହିଛନ୍ତି। ଉକ୍ତ କ୍ୱାରୀରେ ବେଆଇନ ଭାବରେ ଖନନ କାର୍ଯ୍ୟ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରତିବାଦ କରି ଆସୁଥିଲେ। ଏହାକୁ ନେଇ ରାଜସ୍ୱ, ବନ ବିଭାଗ ପକ୍ଷରୁ ମିଳିତ ଭାବରେ ଗୁରୁବାର ଚଢାଉ କରିଥିଲେ। ଗ୍ରାମବାସୀ ଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇ ବ୍ୟାପକ ଅନିୟମିତତା ଧରା ପଡିଥିଲା।

# ସଞ୍ଚିତ ଅର୍ଥରେ ସହାୟତା

ଖଇରା, ୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବୁଢାଗଡିଆଠାରେ ଗଠିତ ଏକ ସଙ୍ଗଠନର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ପୂଜ୍ୟପୂଜା ସଂସଦ ନିଜ ସଞ୍ଚିତ ଅର୍ଥରେ ଅସହାୟଙ୍କ କମ୍ବଳ ବାଣ୍ଟିବା ଭଳି ମହତ କାର୍ଯ୍ୟ କରିଛନ୍ତି। ଏହି ସଙ୍ଗଠନର ଅଧିକାଂଶ ସଦସ୍ୟ ବାରିଷ୍ଠ ନାଗରିକ। ଅସହାୟଙ୍କୁ ସହାୟତା ଦେବା ଲାଗି ପ୍ରତ୍ୟେକ ବ୍ୟକ୍ତି ନିଜ ପେନସନ ତଥା ଅନ୍ୟାନ୍ୟ ସଞ୍ଚିତ ଅର୍ଥରୁ କିଛି କାଟି ଗଚ୍ଛିତ କରିଥିଲେ । ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯିବା ଉଦ୍ଦେଶ୍ୟରେ ପୂର୍ବ ନିଷ୍ପତ୍ତିକ୍ରମେ ଶନିବାର ବୁଢାଗଡିଆ ଛକରେ ସଂଘ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଯାତ୍ରାଜଗତର ବିଶିଷ୍ଟ ଖଳନାୟକ ଦାମୋଦର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାୟକ ଓ ନିତ୍ୟାନନ୍ଦ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ଅଭୟ କୁମାର ମହାନ୍ତି, କୃଷକ ନେତା ପ୍ରଶାନ୍ତ ବାରିକ, ପ୍ରଫୁଲ୍ଲ ନାୟକ, ରମାକାନ୍ତ ମହାନ୍ତି, କୈଳାସ ବାରିକ, ନାରାୟଣ ମହାକୁଡ, ଲମ୍ବୋଦର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ତଥା ବରିଷ୍ଠ ଖବରଦାତା ରାମଚନ୍ଦ୍ର ଦାଶ ସଙ୍ଗଠନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ମୋଟ ୨୦ଜଣ ବୃଦ୍ଧା, ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ କମ୍ବଳ ଓ ଠିକ୍ ଭାବେ ଦେଖାଯାଉ ନ ଥିବା କେତେଜଣ ବ୍ୟକ୍ତିଙ୍କ ଚଷମା ପ୍ରଦାନ କରାଯାଇଥିଲା । ବିଭୂତି ଭୂଷଣ ରାଉତ ତଥା ଗଣ୍ଡିବେଡର ଧରିତ୍ରୀ ବିତରକ ନିର୍ମଳକାନ୍ତ ପାଢୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।


କମ୍ବଳ ବଣ୍ଟନ ଅବସରରେ ଅସହାୟମାନଙ୍କ ସହ ସଙ୍ଗଠନର ସଦସ୍ୟ।

# ୮ରେ ଭାରତ ବନ୍ଦ ଆହ୍ୱାନକୁ ସମର୍ଥନ

ବାଲେଶ୍ୱର ଅଫିସ, ୫।୧୨


ଜିଲାସ୍ତରୀୟ ଆଲୋଚନାଚକ୍ରରେ ଉପସ୍ଥିତ ଜିଲା କୃଷକ ସଂଘର୍ଷ ସମିତିର କର୍ମକର୍ତ୍ତା।

**'ସାମ୍ପ୍ରତିକ କୃଷକ ଆନ୍ଦୋଳନ ଓ ଏଥିରେ ଆମର କର୍ତ୍ତବ୍ୟ' ଆଲୋଚନାଚକ୍ର**

ବାଲେଶ୍ୱର ଜିଲା କୃଷକ ସଂଘର୍ଷ ସମିତି ତରଫରୁ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି 'ସାମ୍ପ୍ରତିକ କୃଷକ ଆନ୍ଦୋଳନ ଓ ଏଥିରେ ଆମର କର୍ତ୍ତବ୍ୟ' ଶୀର୍ଷକରେ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର୍ଷିୟାନ ବାମପନ୍ଥୀ କୃଷକ ନେତା କୈଳାସ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଆବାହକ ଶିଶର ହୁଇ ଭିତ୍ତିପତ୍ର ଆଗତ କରି କେନ୍ଦ୍ର ସରକାର ନୂତନ ଭାବେ ପ୍ରଣୟନ କରିଥିବା କୃଷି ଆଇନର ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ୩ଟି କୃଷି ଆଇନ କାର୍ଯ୍ୟକାରୀ ହେଲେ କୃଷକ, କୃଷି ଶ୍ରମିକ, ଭାଗଚାଷୀ ଓ ସର୍ବୋପରିଖାଉଟିବ୍ୟାପକକ୍ଷତିଗ୍ରସ୍ତ ହେବେ ବୋଲି ହୁଇ ଦୃଷ୍ଟାନ୍ତ ଦେଇ କହିଥିଲେ।

ଶ୍ରମିକ ନେତା ଭାଗବତ ପ୍ରତିହାରୀ, କୃଷକ ନେତା ସୀତାଂଶୁ ସେନାପତି, ନବ ନିର୍ମାଣ କୃଷକ ସଂଘର ଜିଲା ସଂଯୋଜକ ଚନ୍ଦନ ରାଉତ, ଚାଷୀ ଏକତା ମଞ୍ଚର ରାଜ୍ୟ ଆବାହକ ଅରୁଣ ଜେନା, ନିର୍ମଳ ନାୟକ, ନିରଞ୍ଜନ ବାରିକ, ସନ୍ତୋଷ ବିଶ୍ୱାଳ, ବିକାଶ ଦାସ, ଆକବର ସାହା, ଆଇନ୍‌ଜୀବୀ ପଞ୍ଚାନନ ପରିଡ଼ା, ପରମେଶ୍ୱର ପାତ୍ର, ବିଜୟ ପାତ୍ର, ବନ୍ଦନା ବିଶ୍ୱାସ, ଅଜୟ ପଟ୍ଟନାୟକ ଓ ଅନାମ ଚରଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ନୂତନ କୃଷି ଆଇନର ଭୟାବହତା ଓ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ହାଉସର ପୁଞ୍ଜିପତିମାନଙ୍କ ହାତକୁ ଦେଶର ସମସ୍ତ ସମ୍ପତ୍ତି ଟେକି ଦେଉଥିବାବେଳେ ଶେଷରେ କୃଷକମାନଙ୍କ ହାତରେ ଥିବା ଭୂ-ସମ୍ପତ୍ତିକୁ ସେମାନଙ୍କଠାରୁ ଛଡ଼ାଇ ନେବାପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି କୁହାଯାଇଥିଲା। ତେଣୁ କୃଷକ ସଂଗଠନମାନେ ଆସନ୍ତା ୮ ତାରିଖରେ ଦେଇଥିବା 'ଭାରତବନ୍ଦ' ଆହ୍ୱାନକୁ ସମର୍ଥନ ଜଣାଇ ବାଲେଶ୍ୱର ଜିଲାରେ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ବ୍ଲକରୁ ବହୁ କୃଷକ ପ୍ରତିନିଧି ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିଲେ।

